# ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ (୧୯୭୧ର ସଂଖ୍ୟା ୩୪)

(୨୦୦୨ର ଆଇନ୍ ସଂଖ୍ୟା ୬୪ ଦ୍ୱାରା ୧୮ ଡିସେମ୍ବର' ୦୨ରେ ସଂଶୋଧିତ ହେବାମତେ )

**ପଞ୍ଜିକୃତ ହୋଇଥିବା ପେଷାଦାର ଚିକିତ୍ସକଙ୍କ ଦ୍ୱାରା କେତେକ ନିର୍ଦ୍ଧିଷ୍ଟ ଧରଣର ଗର୍ଭକୁ ନଷ୍ଟ କରିବା ପାଇଁ ତଥା ଏହା ସହିତ ସଂପର୍କୀତ ଏବଂ ଆନୁଷଙ୍ଗିକ ବ୍ୟାପାରରେ ପ୍ରାବ୍ଧାନମାନ ଚାଲୁ କରିବା ଉଦ୍ଦେଶ୍ୟରେ ଏହି ଆଇନ୍, ଭାରତୀୟ ପ୍ରଜାତନ୍ତ୍ରର ଦ୍ୱାବିଂଶ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ପ୍ରଣୟନ କରାଯାଉଛି : -**

**୧. ସଂକ୍ଷିପ୍ତ ନାମ, ପରିସର ଏବଂ ପ୍ରାରମ୍ଭ:**

(୧) ଏହି ଆଇନ୍‌କୁ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍,୧୯୭୧ ବୋଲି କୁହାଯାଇପାରେ ।

(୨) କେବଳ ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡି ଏହା ସାରା ଭାରତରେ ଲାଗୁ ହେବ ।

(୩) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ:**

ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ -

(ଏ) 'ଅଭିଭାବକ' ବୋଇଲେ ଜଣେ ବ୍ୟକ୍ତି ଯେ କି ଗୋଟିଏ ନାବାଳକ କିମ୍ବା ମାନସିକଭାବେ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନର ଦାୟିତ୍ୱ ନେଇଥାଆନ୍ତି;

(ବି) 'ମାନସିକ ଭାବେ ଅସୁସ୍ଥ' ବୋଇଲେ ସେପରି ଜଣେ ବ୍ୟକ୍ତି, ଯେ କି ତାଙ୍କର କୌଣସି ମାନସିକ ବିଭ୍ରାଟ ଯାହାକି ମାନସିକ ଅନଗ୍ରସରତା ଠାରୁ ଭିନ୍ନ, ସେଥିପାଇଁ ଚିକିତ୍ସା ଆବଶ୍ୟକ କରୁଥାନ୍ତି;

(ସି) 'ନାବାଳକ' ବୋଇଲେ ସେପରି ଜଣେ ବ୍ୟକ୍ତି, ଯେ କି ଭାରତୀୟ ସାବାଳକତ୍ୱ ଆଇନ୍, ୧୮୭୫ର ପ୍ରାବ୍ଧାନମାନ ଅଧୀନରେ ସାବାଳକତ୍ୱ ପାଇନାହାନ୍ତି ବୋଲି ବିବେଚିତ ହୋଇଥାନ୍ତି;

(ଡି) ପଞ୍ଜିକୃତ ପେଷାଦାର ଚିକିତ୍ସକ ବୋଇଲେ ଜଣେ ପେଷାଦାର ଚିକିତ୍ସକ, ଯେ କି ଭାରତୀୟ ଭେଷଜ ପରିଷଦ ଆଇନ୍, ୧୯୫୬ (୧୯୫୬ର ସଂଖ୍ୟା ୧୦୨)ର ଧାରା ୨ ଅଧୀନସ୍ଥ ଉପଧାରା (ଏଚ୍) ରେ ସଂଜ୍ଞାୟିତ ହୋଇଥିବା କୌଣସି ସ୍ୱୀକୃତ ଭେଷଜ ଯୋଗ୍ୟତାର ଅଧିକାରୀ ହୋଇଥିବେ, ଯାହାଙ୍କ ନାମ ଗୋଟିଏ ରାଜ୍ୟ ମେଡିକାଲ୍ ରେଜିଷ୍ଟରରେ ଦରଜ ହୋଇଥିବ ଏବଂ ଯେ କି ସ୍ତ୍ରୀରୋଗ ବିଦ୍ୟା ବା ପ୍ରସୂତି ବିଦ୍ୟା କ୍ଷେତ୍ରରେ ଏପରି ଅଭିଜ୍ଞତା ବା ତାଲିମ୍ ହାସଲ କରିଥିବେ ଯାହାକି ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀରେ ବିହିତ ହୋଇଥାଇପାରେ ।

**୩. ଯେଉଁସବୁ କ୍ଷେତ୍ରରେ ପଞ୍ଜିକୃତ ପେଷାଧାରୀ ଚିକିତ୍ସକଙ୍କ ଦ୍ୱାରା ଗର୍ଭପାତ କରାଯାଇପାରେ :**

(୧) ଭାରତୀୟ ଦଣ୍ଡବିଧି ସଂହିତା (୧୮୬୦ର ୪୫)ରେ ଯାହାକିଛି ଉଲ୍ଲେଖ ଥାଉନା କାହିଁକି, ଏହି ଆଇନ୍‌ର ପ୍ରାବ୍ଧାନ୍‌ଗୁଡିକୁ ଅନୁସରଣ କରି ଯଦି ଜଣେ ପଞ୍ଜିକୃତ ପେଷାଧାରୀ ଚିକିତ୍ସକ କୌଣସି ଗର୍ଭପାତ କରାଇ ଥାଆନ୍ତି, ତେବେ ସେ ଉକ୍ତ ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅନୁଯାୟୀ ଦୋଷୀ ବୋଲି ବିବେଚିତ ହେବେ ନାହିଁ ।

(୨) ଉପଧାରା (୪)ର ପ୍ରାବ୍ଧାନଗୁଡିକର ସାପେକ୍ଷତା ଅଧୀନରେ ରହି ଜଣେ ପଞ୍ଜିକୃତ ପେଷାଧାରୀ ଚିକିତ୍ସକ ଗୋଟିଏ ଗର୍ଭକୁ ନିଃଶେଷ କରିପାରନ୍ତି-

(ଏ) ଯେଉଁସ୍ଥଳେ ଗର୍ଭଧାରଣର ଅବଧି ବାର ସପ୍ତାହକୁ ଅତିକ୍ରମ କରିନଥାଏ, ଏବଂ ଯଦି ସେହି ପଞ୍ଜିକୃତ ପେଷାଧାରୀ ଚିକିତ୍ସକ ଜଣକ ସଦ୍‌ବିଶ୍ୱାସ ସହ ପୋଷଣ କରୁଥିବା ମତ ଅନୁଯାୟୀ, ଅଥବା

(ବି) ଯେଉଁସ୍ଥଳେ ଗର୍ଭଧାରଣର ଅବଧି ବାର ସପ୍ତାହକୁ ଅତିକ୍ରମ କରିଥାଏ କିନ୍ତୁ କୋଡିଏ ସପ୍ତାହକୁ ଅତିକ୍ରମ କରିନଥାଏ, ଏବଂ ଯଦି ଅନ୍ୟୁନ ଦୁଇଜଣ ପଞ୍ଜିକୃତ ପେଷାଧାରୀ ଚିକିତ୍ସକ ସଦ୍‌ବିଶ୍ୱାସ ସହ ପୋଷଣ କରୁଥିବା ମତ ଅନୁଯାୟୀ,

(୧) ଗର୍ଭଧାରଣ ଅବ୍ୟାହତ ରହିଲେ ଅନ୍ତସତ୍ତ୍ୱା ମହିଳାଙ୍କର ଜୀବନ ପ୍ରତି ବିପଦର ଆଶଙ୍କା ଅଛି କିମ୍ବା ତାଙ୍କର ଶାରିରୀକ ବା ମାନସିକ ସ୍ୱାସ୍ଥ୍ୟ ଗଭୀରଭାବେ କ୍ଷତିଗ୍ରସ୍ଥ ହୋଇପାରେ; କିମ୍ବା

(୨) ଯଦି ପିଲାଟି ଜନ୍ମ ନିଏ, ତେବେ ସେ ଏପରି ସବୁ ଶାରିରୀକ ଓ ମାନସିକ ବିକୃତିରେ ଆକ୍ରାନ୍ତ ହେବ ଯାହା ଫଳରେ ସେ ଗୁରୁତର ଭାବେ ବିକଳାଙ୍ଗ ହୋଇପଡିବାର ବାସ୍ତବ ଆଶଙ୍କା ରହିଛି ।

**ସ୍ପଷ୍ଟୀକରଣ-୧ :** ଯେଉଁସ୍ଥଳେ ଜଣେ ଅନ୍ତସତ୍ତ୍ୱା ମହିଳାଙ୍କ କହିବା ଅନୁଯାୟୀ ଧର୍ଷଣ କାରଣରୁ ସେ ଗର୍ଭବତୀ ହୋଇଛନ୍ତି, ସେପରି ସ୍ଥଳେ ଏପ୍ରକାର ଗର୍ଭଧାରଣ ଦ୍ୱାରା ସୃଷ୍ଟି ହୋଇଥିବା ମନସ୍ତାପ ସେହି ଗର୍ଭବତୀ ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିପାରେ ବୋଲି ଧରିନିଆଯିବ ।

**ସ୍ପଷ୍ଟୀକରଣ-୨ :** ଯେଉଁସ୍ଥଳେ ଶିଶୁସଂଖ୍ୟାକୁ ସୀମିତ ରଖିବା ଉଦ୍ଦେଶ୍ୟରେ ଜଣେ ବିବାହିତା ମହିଳା ବା ତାଙ୍କର ସ୍ୱାମୀ ବ୍ୟବହାର କରିଥିବା କୌଣସି ଉପାୟ ବା ପଦ୍ଧତିର ବିଫଳତା ଯୋଗୁଁ ସେ ଗର୍ଭବତୀ ହୋଇଛନ୍ତି, ସେପରି ସ୍ଥଳେ ଏତାଦୃଶ ଅବାଂଛିତ ଗର୍ଭଧାରଣ ଯୋଗୁଁ ସୃଷ୍ଟି ହୋଇଥିବା ମନସ୍ତାପ ଗର୍ଭବତୀ ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିପାରେ ବୋଲି ଧରିନିଆଯିବ ।

(୩) ଉପଧାରା (୨)ରେ ସୂଚୀତ ହୋଇଥିବା ମତେ ଗୋଟିଏ ଗଭର୍କୁ ଅବ୍ୟାହତ ରଖିଲେ ତଦ୍ୱାରା ସ୍ୱାସ୍ଥ୍ୟ ପ୍ରତି କ୍ଷତିର ଆଶଙ୍କା ରହିଛି କି ନାହିଁ, ତାହା ନିର୍ଣ୍ଣୟ କରିବା ସକାଶେ ଗର୍ଭବତୀ ମହିଳାଙ୍କର ବାସ୍ତବ ଅବସ୍ଥା ବା ଏକ ଯଥାର୍ଥ ଆକଳନ ଭିତ୍ତିରେ ଆଗାମୀ ଦିନର ଅବସ୍ଥାକୁ ବିଚାରକୁ ନିଆଯାଇପାରେ ।

(୪)(ଏ) ଯଦି କୌଣସି ମହିଳା ଅଠର ବର୍ଷ ବୟସରେ ପହଞ୍ଚି ନାହାନ୍ତି ବା ସେ ଅଠର ବର୍ଷରେ ପହଞ୍ଚିଥିଲେ ବି ଜଣେ ମାନସିକ ଭାବେ ଅସୁସ୍ଥ ବ୍ୟକ୍ତି, ତେବେ ତାଙ୍କ ଅଭିଭାବକଙ୍କ ଲିଖିତ ସମ୍ମତି ବିନା ତାଙ୍କର ଗର୍ଭପାତ କରାଯିବ ନାହିଁ ।

(ବି) ଅଣ-ଉପଧାରା (ଏ)ରେ ସ୍ଥାନିତ ହୋଇଥିବା ପ୍ରାବ୍ଧାନ ବ୍ୟତିରେକ ଅନ୍ୟ କୌଣସି ଗର୍ଭପାତ କରାଯିବ ନାହିଁ ଗର୍ଭବତୀ ମହିଳାଙ୍କର ସମ୍ମତି ବିନା ।

**୪. ଯେଉଁ ସ୍ଥାନରେ ଗର୍ଭପାତ କରାଯାଇପାରେ:**

ଏହି ଆଇନ୍ ଅନୁସାରେ କୌଣସି ଗର୍ଭପାତ ନିମ୍ନୋକ୍ତ ସ୍ଥାନ ବିନା ଅନ୍ୟ କୌଣସି ସ୍ଥାନରେ କରାଯାଇ ପାରିବ ନାହିଁ -

(ଏ) ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବା ପରିଚାଳିତ ହେଉଥିବା ଏକ ଡାକ୍ତରଖାନା, ବା

(ବି) ଏହି ଆଇନ୍‌ର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ବର୍ତ୍ତମାନ ପାଇଁ ଏଭଳି ଏକ ସ୍ଥାନ, ଯାହାକୁ ସରକାର ଅନୁମୋଦନ କରିଥିବେ ବା ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ବା ଜିଲ୍ଲା ସ୍ୱାସ୍ଥ୍ୟ

ଅଧିକାରୀଙ୍କୁ କମିଟିର ଅଧ୍ୟକ୍ଷ ରୂପେ ରଖି ସେହି ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଏକ ଜିଲ୍ଲା ସ୍ତରୀୟ କମିଟି ଅନୁମୋଦନ କରିଥିବେ :

ପରନ୍ତୁ, ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିହିତ ହେଉଥିବା ମତେ ଏକ ଜିଲ୍ଲା ସ୍ତରୀୟ କମିଟି ଗଠିତ ହେବ, ଯେଉଁଥିରେ ଅଧ୍ୟକ୍ଷଙ୍କୁ ମିଶେଇ ସେତିକି ସଂଖ୍ୟକ ସଦସ୍ୟ ରହିବେ, ଯାହାକି ୩ଜଣରୁ କମ୍ ହେଉନଥିବ ଏବଂ ୫ଜଣରୁ ବେଶୀ ହେଉନଥିବ ।

**୫. ଯେଉଁ କ୍ଷେତ୍ରରେ ଧାରା ୩ ଓ ୪ ପ୍ରଯୁଜ୍ୟ ହେବନାହିଁ :**

(୧) ଯେଉଁସ୍ଥଳେ ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀ ସଦ୍‌ବିଶ୍ୱାସ ସହ ମତ ପୋଷଣ କରିଥାନ୍ତି ଯେ, ଜଣେ ଗର୍ଭବତୀ ମହିଳାଙ୍କର ଜୀବନ ବଞ୍ଚାଇବାକୁ ହେଲେ ତତ୍‌କ୍ଷଣାତ୍ ଗର୍ଭପାତ କରାଇବା ଆବଶ୍ୟକ, ସେପରି ସ୍ଥଳେ ତାଙ୍କ ଦ୍ୱାରା ଗର୍ଭପାତ କରାଗଲେ ଧାରା ୪ ଅଧୀନସ୍ଥ ପ୍ରାବ୍ଧାନ୍‌ସମୂହ ଏବଂ ବିଶେଷ କରି ଗର୍ଭଧାରଣର ସମୟ-ଅବଧି ତଥା ଅନ୍ୟୂନ ଦୁଇଜଣ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କ ମତ ସମ୍ବନ୍ଧରେ ଧାରା ୩ ଅଧୀନସ୍ଥ ଉପଧାରା (୨)ରେ ରହିଥିବା ପ୍ରାବ୍‌ଧାନ ପ୍ରଯୁଜ୍ୟ ହେବନାହିଁ ।

(୨) ଭାରତୀୟ ପିଙ୍ଗଳ ସଂହିତା, (୧୮୬୦ର ୪୫) ରେ ଯାହାକିଛି ଉଲ୍ଲେଖ ଥାଉନା କାହିଁକି, ଯଦି ପଞ୍ଜିକୃତ ଚିକିତ୍ସା ପେଷାଧାରୀ ହୋଇନଥିବା ଜଣେ ବ୍ୟକ୍ତି ଗର୍ଭପାତ କରାନ୍ତି, ତେବେ ତାହା ଏକ ଅପରାଧ ହେବ ଏବଂ ଏଥିପାଇଁ ତାଙ୍କୁ ମିଳିବ ଅନ୍ୟୂନ ଦୁଇବର୍ଷର ସଶ୍ରମ କାରାଦଣ୍ଡ, ଯାହାକି ଉପରୋକ୍ତ ସଂହିତା ଅଧୀନରେ ସାତ ବର୍ଷକୁ ବୃଦ୍ଧି କରାଯାଇପାରେ, ଏବଂ ସେହି ସଂହିତା ତଦନୁସାରେ ସଂଶୋଧିତ ହେଲା ବୋଲି ଧରିନିଆଯିବ ।

(୩) ଯଦି କୌଣସି ବ୍ୟକ୍ତି ଧାରା ୪ ରେ ସୂଚୀତ ହୋଇଥିବା ସ୍ଥାନ ପରିବର୍ତ୍ତେ ଅନ୍ୟ କୌଣସି ସ୍ଥାନରେ ଗର୍ଭପାତ କରାନ୍ତି, ତେବେ ଏଥିପାଇଁ ତାଙ୍କୁ ମିଳିବ ଅନ୍ୟୂନ ଦୁଇବର୍ଷର ସଶ୍ରମ କାରାଦଣ୍ଡ, ଯାହାକି ସାତ ବର୍ଷକୁ ବୃଦ୍ଧି କରାଯାଇପାରେ ।

(୪) ଯଦି ଜଣେ ବ୍ୟକ୍ତି ଏପରି ଏକ ସ୍ଥାନର ମାଲିକ ହୋଇଥାନ୍ତି, ଯାହାକି ଧାରା ୪ ଅଧିନସ୍ଥ ଉପଧାରା (ବି) ଅଧୀନରେ ଅନୁମୋଦିତ ନୁହେଁ, ତେବେ ଏଥିପାଇଁ ତାଙ୍କୁ ମିଳିବ ଅନ୍ୟୂନ ଦୁଇବର୍ଷର ସଶ୍ରମ କାରାଦଣ୍ଡ, ଯାହାକି ସାତ ବର୍ଷକୁ ବୃଦ୍ଧି କରାଯାଇପାରେ

ସ୍ପଷ୍ଟୀକରଣ –୧ : ଏହି ଧାରାର ଉଦ୍ଦେଶ୍ୟାର୍ଥେ, ଗୋଟିଏ ସ୍ଥାନ ପରିପ୍ରେକ୍ଷିରେ 'ମାଲିକ' ଶବ୍ଦର ଅର୍ଥ ହେଲା, ଏମିତି ଜଣେ ବ୍ୟକ୍ତି ଯେ କି ଯେ କୌଣସି ଭାବେ ନାମିତ ଗୋଟିଏ ଡାକ୍ତରଖାନା ବା

ସ୍ଥାନର ପ୍ରଶାସନିକ ମୁଖ୍ୟ ବା ଅନ୍ୟ ଅର୍ଥରେ କହିଲେ ଏହାର ପରିଚାଳନା ବା ରକ୍ଷଣାବେକ୍ଷଣର ଦାୟିତ୍ୱ ନିର୍ବାହ କରୁଛନ୍ତି, ଯେଉଁଠାରେ କି ଏହି ଆଇନ୍ ଅଧୀନରେ ଗର୍ଭପାତ କରାଯାଇପାରେ ।

ସ୍ପଷ୍ଟୀକରଣ –୨ : ଏହି ଧାରା ଉଦ୍ଦେଶ୍ୟାର୍ଥେ, ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀ ସ୍ତ୍ରୀରୋଗ ବିଦ୍ୟା ବା ପ୍ରସୂତୀ ବିଦ୍ୟାରେ ଅଭିଜ୍ଞତା ବା ତାଲିମ୍‌ର ଅଧିକାରୀ ହୋଇଥିବା ବିଧେୟ ବୋଲି ଧାରା ୪ ଅଧୀନସ୍ଥ ଉପଧାରା (ଡି)ରେ ଯେଉଁ ପ୍ରାବ୍‌ଧାନ କରାଯାଇଛି, ତାହା ପ୍ରଯୁଜ୍ୟ ହେବ ନାହିଁ ।

**୬. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା:**

(୧) କେନ୍ଦ୍ର ସରକାର ଏହି ଆଇନ୍‌ର ପ୍ରାବ୍ଧାନଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ପୂର୍ବକ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ପୂର୍ବୋକ୍ତ କ୍ଷମତାର ସାର୍ବିକତାକୁ କ୍ଷୁର୍ଣ୍ଣ ନକରି, ଏହି ନିୟମାବଳୀ ବିଶେଷ କରି ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟରେ ପ୍ରାବ୍‌ଧାନ କରିପାରନ୍ତି, ଯଥା-

(ଏ) ଏହି ଆଇନ୍ ଅଧୀନରେ ଗର୍ଭପାତ କରାଇବାକୁ ଚାହୁଁଥିବା ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀ କି ପ୍ରକାର ଅଭିଜ୍ଞତା ବା ତାଲିମ୍ ବା ଉଭୟର ଅଧିକାରୀ ହୋଇଥିବେ; ଏବଂ

(ବି) ସେହିସବୁ ଅନ୍ୟ ବିଷୟମାନ, ଯାହାକି ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ଆବଶ୍ୟକ ବିବେଚିତ ହେଉଥିବ ବା ତଦ୍ୱାରା ପ୍ରାବ୍ଧାନିତ ହୋଇଥିବ ।

(୩) ଯେତେବେଳେ ସଂସଦର ଅଧିବେଶନ ସମୁଦାୟ ସମୟକାଳ ୩୦ଦିନ ପାଇଁ ଚାଲୁଥାଏ,ଏବଂ ଏହି ସମୟକାଳ ଏକ ବା ଦୁଇ ବା ତତୋଧିକ ଲଗାତାର ଅଧିବେଶନକୁ ବ୍ୟାପ୍ତ ହୋଇଥାଇପାରେ, ସେତେବେଳେ ଏହି ଧାରା ଅଧୀନରେ ପ୍ରଣୀତ ପ୍ରତି ନିୟମାବଳୀକୁ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ, ଏବଂ ଉଲ୍ଲିଖିତ ଅଧିବେଶନ ବା ଲଗାତାର ଅଧିବେଶନଗୁଡିକର ସମାପ୍ତି ପୂର୍ବରୁ ଯଦି ଉଭୟ ଗୃହ ନିୟମାବଳୀରେ କୌଣସି ସଂଶୋଧନ ଆଣିବା ପାଇଁ ସହମତ ହୁଅନ୍ତି ଅଥବା ସେମାନେ ସହମତ ହୁଅନ୍ତି ଯେ ଏହି ନିୟମାବଳୀ ପ୍ରଣୟନ ହେବା କଥା ନୁହେଁ, ତେବେ ଏହାପରେ ଯଥାସ୍ଥିତି ନିୟମାବଳୀ ସେହି ସଂଶୋଧିତ ରୂପରେ ପ୍ରଭାବଶାଳୀ ରହିବ ନଚେତ୍ ଏହା କୌଣସି ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏତାଦୃଶ ସଂଶୋଧନ ବା ପ୍ରତ୍ୟାଖ୍ୟାନ ବଳରେ ଉକ୍ତ ନିୟମାବଳୀ ଅଧିନରେ ସମ୍ପାଦିତ ହୋଇଥିବା କୌଣସି କାର୍ଯ୍ୟର ବୈଧତା କ୍ଷୁର୍ଣ୍ଣ ହେବ ନାହିଁ ।

## ୭. ବିନିୟମାବଳୀ (ରେଗୁଲେସନ୍) ପ୍ରଣୟନ କରିବାର କ୍ଷମତା:

(୧) ଗୋଟିଏ ରାଜ୍ୟ ସରକାର ବିନିୟମାବଳୀ ବଳରେ -

(ଏ) ଧାରା ୩ ଅଧୀନସ୍ଥ ଉପଧାରା (୨)ରେ ସଂପୃକ୍ତ ଜଣେ ବା ଏକାଧିକ ଚିକିତ୍ସା ପେଷାଧାରୀଙ୍କ ଯେଉଁ ମତ ସମ୍ବନ୍ଧରେ ସୂଚୀତ କରାଯାଇଛି, ତାକୁ ଯେଉଁ ପ୍ରରୂପ (ଫର୍ମ) ଏବଂ ଯେଉଁ ସମୟରେ ପ୍ରମାଣୀକୃତ କରାଯିବାର ଆବଶ୍ୟକତା ଥାଇପାରେ, ସେ ବିଷୟ ତଥା ସେହି ପ୍ରମାଣପତ୍ରଗୁଡିକର ସଂରକ୍ଷଣ ବା ନିକାଶ ସମ୍ବନ୍ଧରେ ଏତାଦୃଶ ବିନୟମାବଳୀରେ ବିହିତ କରିପାରନ୍ତି;

(ବି) ଗର୍ଭପାତ କରାଉଥିବା ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀ ଏଭଳି ଏକ ଗର୍ଭପାତ ସମ୍ବନ୍ଧରେ କିଭଳି ଢଙ୍ଗରେ ସୂଚନା ପ୍ରଦାନ କରିବା ଆବଶ୍ୟକ, ତାହା ଏତାଦୃଶ ବିନୟମାବଳୀରେ ବିହିତ କରିପାରନ୍ତି ।

(୨) ଉପଧାରା (୧)ର ଅଣ-ଉପଧାରା (ବି) ବଳରେ ପ୍ରାବ୍ଧାନିତ ବିନିୟମାବଳୀର ଅନୁପାଳନାର୍ଥେ ପ୍ରେରିତ ଅବଗତି ଏବଂ ପ୍ରଦତ୍ତ ସୂଚନା ଯଥାସ୍ଥିତି ରାଜ୍ୟର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ପ୍ରେରଣ କିମ୍ବା ପ୍ରଦାନ କରାଯିବ ।

(୩) ଉପଧାରା (୧) ଅଧୀନରେ ପ୍ରଣୀତ ହୋଇଥିବା କୌଣସି ବିନିୟମର ଆବଶ୍ୟକତାଗୁଡିକୁ ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଉଲ୍ଲଂଘନ କରନ୍ତି ଅଥବା ସେଗୁଡିକୁ ପୂରଣ କରିବାରେ ଜାଣିଶୁଣି ଅବହେଳା କରନ୍ତି, ତେବେ ସେ ଜୋରିମାନାରେ ଦଣ୍ଡିତ ହେବେ, ଯାହାକି ସର୍ବାଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ।

## ୮. ସଦ୍‌ବିଶ୍ୱାସ ସହ ସମ୍ପାଦିତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ:

ଏହି ଆଇନ୍ ଅଧୀନରେ ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କ ଦ୍ୱାରା ସଦ୍‌ବିଶ୍ୱାସ ସହିତ ସମ୍ପାଦିତ ବା ସମ୍ପାଦନ ପାଇଁ ପରିକଳ୍ପିତ କୌଣସି କାର୍ଯ୍ୟ ଯୋଗୁଁ ଯଦି କୌଣସି କ୍ଷତି ଘଟିଥାଏ ବା ଘଟିବାର ଆଶଙ୍କା ଥାଏ, ତେବେ ଏଥିପାଇଁ ତାଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା ବା କାନୁନୀ କାର୍ଯ୍ୟବିଧି ଆରମ୍ଭ ହୋଇପାରିବ ନାହିଁ ।

# ଡାକ୍ତରୀ ପଦ୍ଧତିରେ ଗର୍ଭପାତ ନିୟମାବଳୀ, ୨ ୦ ୦ ୩

## ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ

## ପରିବାର କଲ୍ୟାଣ ବିଭାଗ

## ବିଜ୍ଞପ୍ତି

## ନୂଆ ଦିଲ୍ଲୀ, ୧୩ ଜୁନ୍, ୨ ୦ ୦ ୩

**ଜି.ଏସ୍.ଆର୍. ୪୮୫ (ଇ) -** ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ (୧୯୭୧ର ସଂଖ୍ୟା ୩୪) ଅଧୀନସ୍ଥ ଧାରା ୬ ବଳରେ ନ୍ୟସ୍ତ କ୍ଷମତାବଳୀର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା-

୧. **ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ:**

(୧) ଏହି ନିୟମାବଳୀକୁ **ଡାକ୍ତରୀ ପଦ୍ଧତିରେ ଗର୍ଭପାତ ନିୟମାବଳୀ, ୨ ୦ ୦ ୩ ବୋଲି କୁହା ଯାଇ ପାରେ ।**

(୨) ସରକାରୀ ଗେଜେଟ୍‌ରେ ପ୍ରକାଶନ ତାରିଖରୁ ସେଗୁଡ଼ିକ ବଳବତ୍ତର ହେବ ।

୨. **ସଂଜ୍ଞାମାନ: ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ -**

(ଏ) 'ଆଇନ୍' ର ଅର୍ଥ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ (୧୯୭୧ର ସଂଖ୍ୟା ୩୪) ଏବଂ ଡାକ୍ତରୀ ପଦ୍ଧତିରେ ଗର୍ଭପାତ (ସଂଶୋଧନ) ଆଇନ୍, ୨ ୦ ୦ ୨ (୨ ୦ ୦ ୨ର ସଂଖ୍ୟା ୬୪) ।

(ବି) 'ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ' ର ଅର୍ଥ ଗୋଟିଏ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ, ତାଙ୍କୁ ଯେ କୌଣସି ନାମରେ ସମ୍ବୋଧିତ କରାଯାଉ ନା କାହିଁକି;

(ସି) 'ଫର୍ମ' ର ଅର୍ଥ ଏହି ନିୟମାବଳୀ ସହ ସଂଲଗ୍ନ ହୋଇଥିବା ଏକ ଫର୍ମ;

(ଡି) ଗୋଟିଏ ସ୍ଥାନ ପରିପ୍ରେକ୍ଷିରେ 'ମାଲିକ' ଶବ୍ଦର ଅର୍ଥ ହେଲା, ଏମିତି ଜଣେ ବ୍ୟକ୍ତି ଯେ କି

ଯେ କୌଣସି ଭାବେ ନାମିତ ଗୋଟିଏ ଡାକ୍ତରଖାନା ବା ସ୍ଥାନର ପ୍ରଶାସନିକ ମୁଖ୍ୟ ବା ଅନ୍ୟ ଅର୍ଥରେ କହିଲେ ଏହାର ପରିଚାଳନା ବା ରକ୍ଷଣାବେକ୍ଷଣର ଦାୟିତ୍ୱ ନିର୍ବାହ କରୁଛନ୍ତି, ଯେଉଁଠାରେ କି ଏହି ଆଇନ୍ ଅଧୀନରେ ଗର୍ଭପାତ କରାଯାଇପାରେ ।

(ଇ) 'କମିଟି' ର ଅର୍ଥ ନିୟମ ୩ ସହିତ ମିଶେଇ ପଢ଼ିଲେ ଧାରା ୪ ଅଧୀନସ୍ଥ ଉପଧାରା (ବି)ର ପରନ୍ତୁକ ଅଧୀନରେ ଜିଲ୍ଲା ସ୍ତରରେ ଗଠିତ ହେଉଥିବା ଗୋଟିଏ କମିଟି ।

୩. ଜିଲ୍ଲା ସ୍ତରୀୟ କମିଟିର ସଭ୍ୟବୃନ୍ଦ ଏବଂ କାର୍ଯ୍ୟକାଳ:

(୧) ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ/ଶଲ୍ୟ ବିଶେଷଜ୍ଞ/ନିଶ୍ଚେତନ ବିଶେଷଜ୍ଞ ଜିଲ୍ଲାସ୍ତରୀୟ କମିଟିର ସଭ୍ୟ ରହିବେ ଏବଂ ଅନ୍ୟ ସଭ୍ୟମାନେ ଜିଲ୍ଲାର ସ୍ଥାନୀୟ ଡାକ୍ତରୀ ପେଷା, ବେସରକାରୀ ସଂଗଠନ ଏବଂ ପଞ୍ଚାୟତିରାଜ ସଂସ୍ଥାରୁ ଆସିଥିବେ ।
**ପରନ୍ତୁ,** କମିଟିର ସଭ୍ୟମାନଙ୍କ ଭିତରୁ ଜଣେ ସଭ୍ୟ ମହିଳା ହୋଇଥିବେ ।

(୨) କମିଟିର କାର୍ଯ୍ୟକାଳ ଦୁଇ କ୍ୟାଲେଣ୍ଡର ବର୍ଷ ହେବ ଏବଂ ବେସରକାରୀ ସଭ୍ୟମାନଙ୍କ କାର୍ଯ୍ୟକାଳ ଦୁଇଥରରୁ ଅଧିକ ହେବନାହିଁ ।

**୪. ଧାରା ୨ର ଉପଧାରା (ଡି) ଅଧୀନରେ ସୂଚୀତ ଅଭିଜ୍ଞତା ଓ ତାଲିମ୍ :**

**ଧାରା ୨ ଅଧୀନସ୍ଥ ଉପଧାରା (ଡି)ର ଉଦ୍ଦେଶ୍ୟାର୍ଥେ, ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀ ସ୍ତ୍ରୀରୋଗ ବିଦ୍ୟା ଏବଂ ପ୍ରସୂତୀ ବିଦ୍ୟାରେ ନିମ୍ନୋକ୍ତ ଏକ ବା ଏକାଧିକ ଅଭିଜ୍ଞତା ବା ତାଲିମ୍ର ଅଧିକାରୀ ହୋଇଥିବେ, ଯଥା;**

(ଏ) ଜଣେ ଚିକିତ୍ସା ପେଷାଧାରୀ, ଯେ କି ଏହି ଆଇନ୍ ପ୍ରାରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ରାଜ୍ୟ ଚିକିତ୍ସକ ରେଜିଷ୍ଟର୍‌ରେ ପଞ୍ଜିକୃତ ହୋଇଥିଲେ, ତାଙ୍କ କ୍ଷେତ୍ରରେ ସ୍ତ୍ରୀରୋଗ ବିଦ୍ୟା ଏବଂ ପ୍ରସୂତୀ ବିଦ୍ୟାର ପ୍ରୟୋଗରେ ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା;

(ବି) ଜଣେ ଚିକିତ୍ସା ପେଷାଧାରୀ, ଯେ କି ରାଜ୍ୟ ଚିକିତ୍ସକ ରେଜିଷ୍ଟର୍‌ରେ ପଞ୍ଜିକୃତ ଅଟନ୍ତି,
(୧) ସେ ଯଦି ସ୍ତ୍ରୀରୋଗ ବିଦ୍ୟା ଏବଂ ପ୍ରସୂତୀ ବିଦ୍ୟାରେ ଛ ମାସର ଗୃହ-ତାଲିମ୍ ସଂପୂର୍ଣ୍ଣ କରିଥିବେ; କିମ୍ବା

(୨) ଯଦ୍ୟପି ନିମ୍ନୋକ୍ତ ସୁବିଧାମାନ ସେଠାରେ ଉପଲବ୍ଧ ନଥିଲା, ତଥାପି କୌଣସି ଡାକ୍ତରଖାନାରେ ଅନ୍ୟୁନ ବର୍ଷକ ପାଇଁ ସ୍ତ୍ରୀରୋଗ ବିଦ୍ୟା ଏବଂ ପ୍ରସୂତୀ ବିଦ୍ୟାର ପ୍ରୟୋଗରେ ସେ ଅଭିଜ୍ଞତା ହାସଲ କରିଥିବେ; କିମ୍ବା

(ସି) ଯଦି ସେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବା ପରିଚାଳିତ ହେଉଥିବା କୌଣସି ଡାକ୍ତରଖାନାରେ କିମ୍ବା ଏହି ଆଇନ୍ ଉଦ୍ଦେଶ୍ୟରେ ଅନୁମୋଦିତ ହୋଇଥିବା କୌଣସି ପ୍ରଶିକ୍ଷଣ ସଂସ୍ଥାରେ ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କୁ ପଚିଶଟି ଡାକ୍ତରୀ ପଦ୍ଧତିରେ ଗର୍ଭପାତ କରାଇବା କ୍ଷେତ୍ରରେ ସହାୟତା କରିଥିବେ, ଏବଂ ସେଥିମଧ୍ୟରୁ ଅନ୍ତତଃ ପାଞ୍ଚଟିକୁ ସେ ସ୍ୱନିର୍ଭର ଭାବେ ସମ୍ପାଦନ କରିଥିବେ;

(୧) ଏହି ପ୍ରଶିକ୍ଷଣ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କୁ କେବଳ ପ୍ରଥମ ତ୍ରୈମାସିକ ଗର୍ଭପାତ ( ୧୨ ସପ୍ତାହ ବ୍ୟାପି ଗର୍ଭଧାରଣ) ସମ୍ପାଦନ କରିବାରେ ସମର୍ଥ କରିଥାଏ ।

(୨) କୋଡିଏ ମାସ ପର୍ଯ୍ୟନ୍ତ ଗର୍ଭପାତ ପାଇଁ ଉପ-ନିୟମ (ଏ), (ବି) ଏବଂ (ଡି) ଅଧୀନରେ ବିହିତ ହୋଇଥିବା ଅଭିଜ୍ଞତା ବା ପ୍ରଶିକ୍ଷଣ ପ୍ରଯୁଜ୍ୟ ହେବ ।

(ଡି) ଗୋଟିଏ ରାଜ୍ୟ ଚିକିତ୍ସକ ରେଜିଷ୍ଟରର୍ରେ ପଞ୍ଜିକୃତ ହୋଇଥିବା ଜଣେ ଚିକିତ୍ସା ପେଷାଧାରୀ , ଯେ କି ସ୍ତ୍ରୀରୋଗ ବିଦ୍ୟା ଏବଂ ପ୍ରସୂତୀ ବିଦ୍ୟାରେ ପୋଷ୍ଟ-ଗ୍ରାଜୁଏଟ୍ ଡିଗ୍ରୀ ବା ଡିପ୍ଲୋମା ଧାରଣ କରିଥିବେ, ତାଙ୍କ କ୍ଷେତ୍ରରେ ଏତାଦୃଶ ଡିଗ୍ରୀ ବା ଡିପ୍ଲୋମାର ପାଠ୍ୟକ୍ରମ ସମୟରେ ଆହରିତ ଅଭିଜ୍ଞତା ବା ପ୍ରଶିକ୍ଷଣ ।

**୫. ଗୋଟିଏ ସ୍ଥାନର ଅନୁମୋଦନ:**

(୧) ଧାରା ୪ର ଉପଧାରା (ବି) ଅଧୀନରେ କୌଣସି ସ୍ଥାନକୁ ଅନୁମୋଦନ କରାଯିବ ନାହିଁ-

(୧) ଯଦି ସେଠାରେ ନିରାପଦ ଏବଂ ପରିଚ୍ଛନ୍ନ ପରିବେଶରେ ଗର୍ଭପାତ କରାଯାଇ ପାରିବ ବୋଲି ସରକାର ସନ୍ତୁଷ୍ଟ ନହୁଅନ୍ତି ; ଏବଂ

(୨) ଯଦି ସେଠାରେ ନିମ୍ନୋକ୍ତ ସୁବିଧାମାନ ଉପଲବ୍ଧ ନଥାଏ, ଯଥା-

- **ପ୍ରଥମ ତ୍ରୈମାସିକ, ଅର୍ଥାତ୍ ଗର୍ଭଧାରଣର ୧୨ ସପ୍ତାହ କ୍ଷେତ୍ରରେ-** ସ୍ତ୍ରୀରୋଗ ପରୀକ୍ଷା ଟେବୁଲ୍/ ପ୍ରସବ ଟେବୁଲ୍/ ରିସସିଟେସନ୍ ଏବଂ ଷ୍ଟେରିଲାଇଜେସନ୍ ସାଧନ, ଡ୍ରଗସ୍ ଏବଂ ପ୍ୟାରେଣ୍ଟାଲ୍ ଫ୍ଲୁଇଡ୍, ଆକସ୍ମିକ ଝଟ୍‌କାର ଚିକିତ୍ସା ପାଇଁ ପ୍ରାକ୍-ପ୍ରସ୍ତୁତ ସୁବିଧାମାନ ତଥା ପରିବହନ ପାଇଁ ସୁବିଧାମାନ ; ଏବଂ

- ଦ୍ୱିତୀୟ ତ୍ରୈମାସିକ, ଅର୍ଥାତ୍ ଗର୍ଭଧାରଣର ୨୦ ସପ୍ତାହ କ୍ଷେତ୍ରରେ-

  ଏ) ତଳିପେଟ ଏବଂ ଜରାୟୁ-ସମ୍ବନ୍ଧୀୟ ଅସ୍ତ୍ରୋପଚାର ପାଇଁ ଏକ ଅସ୍ତ୍ରୋପଚାର ଟେବୁଲ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି;

  ବି) ନିଶ୍ଚେତକ ସାଧନ, ରିସସିଟେସନ୍ ଏବଂ ଷ୍ଟେରିଲାଇଜେସନ୍ ସାଧନ;

  ସି) ଜରୁରୀ ଆବଶ୍ୟକତା ପାଇଁ ସେହିସବୁ ଡ୍ରଗସ୍ ଏବଂ ପ୍ୟାରେଣ୍ଟାଲ୍ ଫ୍ଲୁଇଡ୍, ଯାହାକି ଭାରତ ସରକାର ସମୟାନ୍ତରରେ ବିଜ୍ଞପ୍ତି କରିପାରନ୍ତି ।

**ସ୍ପଷ୍ଟୀକରଣ :** ୭ସପ୍ତାହ ପର୍ଯ୍ୟନ୍ତ ଗର୍ଭଧାରଣର ପ୍ରାଥମିକ ପର୍ଯ୍ୟାୟରେ ମିସୋପ୍ରଷ୍ଟଲ୍ ସହିତ ଆର୍.ୟୁ.-୪୮୬ କୁ ବ୍ୟବହାର କରି ଗର୍ଭପାତ କରାଇବା କ୍ଷେତ୍ରରେ ଆଇନ୍‌ର ଧାରା-୨ ଅଧୀନସ୍ଥ ଉପଧାରା (ଡି) ଏବଂ ନିୟମାବଳୀର ନିୟମ-୪ ଅଧୀନରେ ସଂଜ୍ଞାୟିତ ହୋଇଥିବା ଜଣେ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କ ଦ୍ୱାରା ତାଙ୍କ ଚିକିତ୍ସା କେନ୍ଦ୍ରରେ ପରାମର୍ଶ ଦିଆଯାଇପାରିବ,

**ପରନ୍ତୁ,** ଏତାଦୃଶ ପଞ୍ଜିକୃତ ଚିକିତ୍ସା ପେଷାଧାରୀଙ୍କର ଏପରି ଏକ ସ୍ଥାନକୁ ପ୍ରବେଶ ସୁବିଧା ରହିଛି, ଯାହାକି ସଂଶୋଧନ ଆଇନ୍, ୨୦୦୨ ଏବଂ ନିୟମାବଳୀର ନିୟମ-୫ ସହିତ ପଠିତ ହେଉଥିବା ଆଇନ୍-୧୯୭୧ର ଧାରା ୪ ଅଧୀନରେ ଅନୁମୋଦିତ ହୋଇଛି । ତାଙ୍କର ଏତାଦୃଶ ପ୍ରବେଶ ସୁବିଧାର ପ୍ରମାଣ ସ୍ୱରୂପ ଅନୁମୋଦିତ ସ୍ଥାନର ମାଲିକଙ୍କ ଠାରୁ ଏହି ମର୍ମରେ ସଂଗୃହୀତ ଏକ ପ୍ରମାଣପତ୍ରକୁ ପ୍ରଦର୍ଶନ କରିବା ଉଚିତ୍ ।

(୨) ସ୍ଥାନ ଅନୁମୋଦନ ପାଇଁ ପ୍ରତି ଆବେଦନ ଫର୍ମ-ଏ ଅନୁଯାୟୀ ପ୍ରସ୍ତୁତ ହେବ ଏବଂ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସମ୍ବୋଧିତ ହେବ ।

(୩) ଉପ-ନିୟମ ୨ ଅଧୀନରେ ଏକ ଆବେଦନ ପାଇଲା ପରେ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ଆବେଦନରେ ସ୍ଥାନିତ ହୋଇଥିବା ଯେ କୌଣସି ସୂଚନାକୁ ସେ ଯାଞ୍ଚ କରିପାରନ୍ତି ଏବଂ ଉପନିୟମ (୧)ରେ ସୂଚୀତ ହୋଇଥିବା ସୁବିଧାମାନ ସେଠାରେ ଉପଲବ୍ଧ ଅଛି ତଥା ନିରାପଦ ଓ ପରିଚ୍ଛନ୍ନ ପରିବେଶରେ ଗର୍ଭପାତ ସମ୍ପାଦିତ ହୋଇପାରିବ ବୋଲି ସେ ନିଜେ ହୃଦ୍‌ବୋଧ କରିବା ପାଇଁ ସଂପୃକ୍ତ ସ୍ଥାନକୁ ନିରୀକ୍ଷଣ କରିପାରନ୍ତି ।

(୪) ଯେଉଁ ସ୍ଥାନକୁ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ନିରୀକ୍ଷଣ କରିବାକୁ ଯିବେ, ତହିଁର ମାଲିକ ତାଙ୍କୁ ସେହି ସ୍ଥାନର ନିରୀକ୍ଷଣ ଉଦ୍ଦେଶ୍ୟରେ ସମସ୍ତ ଯଥୋଚିତ ସୁବିଧାମାନ ଯୋଗାଇଦେବେ ।

**(୫) ସ୍ଥାନଟିକୁ ନିଜେ ଆବଶ୍ୟକ ଅନୁଭବ କରୁଥିବା ମତେ ଯଥାସ୍ଥିତି ଯାଞ୍ଚ, ଅନୁସନ୍ଧାନ ବା ନିରୀକ୍ଷଣ କଲାପରେ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଯଦି ହୃଦ୍‌ବୋଧ କରନ୍ତି ଯେ, ସେହି ସ୍ଥାନରେ ନିରାପଦ ଓ ପରିଚ୍ଛନ୍ନ ପରିବେଶରେ ଗର୍ଭପାତ ସମ୍ପାଦିତ ହୋଇପାରେ, ତେବେ ଏହି ସ୍ଥାନ ସପକ୍ଷରେ ଅନୁମୋଦନକୁ କମିଟି ନିକଟକୁ ସୁପାରିଶ୍ କରିପାରନ୍ତି ।**

**(୬) ଆବେଦନ ଏବଂ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସୁପାରିଶ୍‌କୁ ବିଚାର କଲାପରେ ଏତାଦୃଶ ସ୍ଥାନକୁ ଅନୁମୋଦନ କରିପାରନ୍ତି ଏବଂ ଅନୁମୋଦନର ଏକ ପ୍ରମାଣପତ୍ର ଫର୍ମ-ବି ରେ ପ୍ରଦାନ କରି ପାରନ୍ତି ।**

**(୭) କମିଟିଙ୍କ ଦ୍ୱାରା ନିର୍ଗମିତ ପ୍ରମାଣପତ୍ର ସଂପୃକ୍ତ ସ୍ଥାନରେ ଏଭଳି ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ, ଯାହାଫଳରେ ସେ ସ୍ଥାନକୁ ଆସୁଥିବା ବ୍ୟକ୍ତିମାନଙ୍କୁ ତାହା ସହଜରେ ଦୃଶ୍ୟମାନ ହେଉଥିବ ।**

**(୮) ଆବେଦନ ମିଳିବାର ଦୁଇମାସ ଭିତରେ ସଂପୃକ୍ତ ସ୍ଥାନର ନିରୀକ୍ଷଣ କରାଯିବ ଏବଂ ପରବର୍ତ୍ତୀ ଦୁଇମାସ ଭିତରେ ଅନୁମୋଦନର ପ୍ରମାଣପତ୍ର ନିର୍ଗମିତ ହୋଇପାରେ, କିମ୍ବା ଯେଉଁସ୍ଥଳେ କୌଣସି ଅଭାବ ଦୃଷ୍ଟିଗୋଚର ହେବ, ସେପରି ସ୍ଥଳେ**

ଆବେଦକଙ୍କ ଦ୍ୱାରା ସେହି ଅଭାବର ସଂଶୋଧନ କରାଯିବାର ଦୁଇମାସ ଭିତରେ ଅନୁମୋଦନର ପ୍ରମାଣପତ୍ର ନିର୍ଗମିତ ହୋଇପାରେ ।

(୯) ଏହି ନିୟମାବଳୀ ଲାଗୁ ହେବା ପରେ, କୌଣସି ସ୍ଥାନ, ଯାହାକି ଡାକ୍ତରୀ ପଦ୍ଧତିରେ ଗର୍ଭପାତ ନିୟମାବଳୀ, ୧୯୭୫ ଅନୁଯାୟୀ ଅନୁମୋଦିତ ହୋଇଥିବ, ତାହା ବର୍ତ୍ତମାନର ନିୟମାବଳୀ ଅଧୀନରେ ଏକ ଅନୁମୋଦିତ ସ୍ଥାନ ରୂପେ ବିବେଚିତ ହେବ ।

୬. ଗୋଟିଏ ସ୍ଥାନର ନିରୀକ୍ଷଣ:

(୧) ନିୟମ-୫ ଅଧୀନରେ ଅନୁମୋଦିତ ହୋଇଥିବା ଏକ ସ୍ଥାନକୁ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଯେତେ ଥର ଆବଶ୍ୟକ ସେତେ ଥର ନିରୀକ୍ଷଣ କରିପାରନ୍ତି; ତହିଁର ଉଦ୍ଦେଶ୍ୟ ହେଲା ସେଠାରେ ନିରାପଦ ଓ ପରିଚ୍ଛନ୍ନ ପରିବେଶରେ ଗର୍ଭପାତଗୁଡିକ ସମ୍ପାଦିତ କରାଯାଉଛି କି ନାହିଁ, ତାହା ଯାଞ୍ଚ କରିବା ।

(୨) ଯଦି ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଯଥାର୍ଥ କାରଣରୁ ମନେ କରନ୍ତି ଯେ, ସେହି ସ୍ଥାନରେ ଜଣେ ଗର୍ଭବତୀ ମହିଳାଙ୍କର ମୃତ୍ୟୁ ଘଟିଛି କିମ୍ବା ସେ କ୍ଷତିଗ୍ରସ୍ତ ହୋଇଛନ୍ତି କିମ୍ବା ସଂପୃକ୍ତ ସ୍ଥାନରେ ଗର୍ଭପାତ ନିରାପଦ ଏବଂ ପରିଚ୍ଛନ୍ନ ପରିବେଶରେ ସମ୍ପାଦିତ ହେଉନାହିଁ, ତେବେ ସେ ଯେ କୌଣସି ତଥ୍ୟ ମାଗିପାରନ୍ତି ଅଥବା ସେହି ସ୍ଥାନରେ ଅନୁରକ୍ଷିତ, ଉପଲବ୍ଧ ବା ଦୃଷ୍ଟିଗୋଚର ହେଉଥିବା ଯେ କୌଣସି ସାମଗ୍ରୀ, ଔଷଧ, ଇଞ୍ଜେକ୍ସନ୍, ପ୍ରବେଶିକା ରେଜିଷ୍ଟର୍ ବା ଅନ୍ୟ କୌଣସି ଦଲିଲ୍‌କୁ ଜବତ କରିପାରନ୍ତି ।

(୩) ଜବତ୍ କରିବା ସମ୍ବନ୍ଧରେ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ ର ୨)ର ପ୍ରାବଧାନଗୁଡିକ ଯଥାସମ୍ଭବ ଉପନିୟମ (୨) ଅଧୀନରେ କରାଯାଇଥିବା ଜବତ୍ ପ୍ରତି ପ୍ରଯୁଜ୍ୟ ରହିବ ।

୬.	ଅନୁମୋଦନ ପ୍ରମାଣପତ୍ରର ନିଲମ୍ବନ ବାତିଲ୍ :

(୧) ନିୟମ-୫ ଅଧୀନରେ ଅନୁମୋଦିତ ହୋଇଥିବା କୌଣସି ସ୍ଥାନକୁ ନିରୀକ୍ଷଣ କଲାପରେ ଯଦି ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ହୃଦ୍‌ବୋଧ କରନ୍ତି ଯେ, ନିୟମ-୫ ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବା ସୁବିଧାମାନ ସେଠାରେ ଯଥାବିଧି ରକ୍ଷଣାବେକ୍ଷଣ ହେଉନାହିଁ ତଥା ସଂପୃକ୍ତ ସ୍ଥାନରେ ନିରାପଦ ଏବଂ ପରିଚ୍ଛନ୍ନ ପରିବେଶରେ ଗର୍ଭପାତ ସମ୍ପାଦିତ ହୋଇପାରିବ ନାହିଁ, ତେବେ ସେ ଏହି ବିଷୟରେ କମିଟିଙ୍କ ନିକଟକୁ ଏକ ବିବରଣୀ ପଠାଇବେ, ଯେଉଁଥିରେ ଉପରୋକ୍ତ ସ୍ଥାନରେ ସେ ଲକ୍ଷ୍ୟ କରିଥିବା ଅଭାବ ଏବଂ ଦୋଷତ୍ରୁଟି ସମ୍ବନ୍ଧରେ ସବିଶେଷ ସୂଚନା ଥିବ ଏବଂ କମିଟିଙ୍କର ଯଦି ହୃଦ୍‌ବୋଧ ହୁଏ, ତେବେ ସେ ଅନୁମୋଦନକୁ ନିଲମ୍ବନ ବା ବାତିଲ୍ କରିପାରନ୍ତି,

ପରନ୍ତୁ, ନିୟମ-୫ ଅଧୀନରେ ନିର୍ଗମିତ ପ୍ରମାଣପତ୍ରକୁ ବାତିଲ୍ କରିବା ପୂର୍ବରୁ କମିଟି ସଂପୃକ୍ତ ସ୍ଥାନର ମାଲିକଙ୍କୁ ନିଜ ପକ୍ଷର ବକ୍ତବ୍ୟ ପେଶ୍ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବେ ।

(୨) ଯେଉଁ ସ୍ଥଳେ ନିୟମ-୫ ଅଧୀନରେ ନିର୍ଗମିତ ହୋଇଥିବା ଏକ ପ୍ରମାଣପତ୍ର ବାତିଲ୍ କରାଯାଇଥିବ, ସେପରି ସ୍ଥଳେ ସ୍ଥାନର ମାଲିକ ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଅଧିକ ସୁବିଧାର ବ୍ୟବସ୍ଥା ତଥା ଉନ୍ନତି ସାଧନ କରିପାରନ୍ତି ଏବଂ ନିୟମ-୫ ଅଧୀନରେ ଅନୁମୋଦନ ମଞ୍ଜୁରି ପାଇଁ କମିଟି ନିକଟରେ ଆବେଦନ କରିପାରନ୍ତି ।

(୩) ଯେଉଁସ୍ଥଳେ ଗୋଟିଏ ଅନୁମୋଦନ ପ୍ରମାଣପତ୍ରକୁ ନିଲମ୍ବନ କରାଯାଇଥିବ, ସେପରି ସ୍ଥଳେ ଏତାଦୃଶ ନିଲମ୍ବନ ଆଦେଶ ମିଳିବାର ତାରିଖ ଠାରୁ ନିଲମ୍ବନ ସମୟ-ଅବଧି ଭିତରେ ଗର୍ଭପାତ ସମ୍ପାଦନ କରିବା ଦୃଷ୍ଟିରୁ ସେହି ସ୍ଥାନକୁ ଏକ ଅନୁମୋଦିତ ସ୍ଥାନ ରୂପେ ବିବେଚନା କରାଯିବ ନାହିଁ ।

୭.	ସମୀକ୍ଷା:

(୧) ଜଣେ ସ୍ଥାନ ମାଲିକ, ଯେ କି ନିୟମ-୭ ଅଧୀନରେ ଜାରି କରାଯାଇଥିବା ଏକ ଆଦେଶ ଫଳରେ ବ୍ୟଥିତ ହୁଅନ୍ତି, ସେ ଏତାଦୃଶ ଆଦେଶ ଜାରି ହେବାର ଷାଠିଏ ଦିନ ଭିତରେ ଏହି ଆଦେଶର ପୁନର୍ବିଚାର କରିବା ପାଇଁ ସରକାରଙ୍କ ନିକଟରେ ଏକ ଆବେଦନ କରିପାରନ୍ତି :

ପରନ୍ତୁ, ଯେଉଁ ସ୍ଥଳେ ସରକାରଙ୍କର ହୃଦ୍‌ବୋଧ ହେବ ଯେ, ପର୍ଯ୍ୟାପ୍ତ କାରଣ ଥିବା ଯୋଗୁଁ ଆବେଦକ ଯଥା ସମୟ ଭିତରେ ଆବେଦନ କରିବାରେ ବିଫଳ ହୋଇଛନ୍ତି, ତେବେ ସେ ଏହି ବିଳମ୍ବକୁ ମାଫ୍ କରିଦେଇପାରନ୍ତି ।

(୨) ସେହି ମାଲିକଙ୍କୁ ନିଜ ବକ୍ତବ୍ୟ ଶୁଣେଇବାର ଏକ ସୁଯୋଗ ଦେଇ ସରକାର ସଂପୃକ୍ତ ଆଦେଶକୁ କାଏମ୍ ରଖିପାରନ୍ତି, ସଂଶୋଧନ କରିପାରନ୍ତି ନଚେତ୍ ଏକ ବିପରୀତ ଆଦେଶ ଦେଇପାରନ୍ତି ।

୮.	ସମ୍ମତିର ପ୍ରରୂପ (ଫର୍ମ):

ଧାରା ୬ ଅଧୀନସ୍ଥ ଉପଧାରା(୪)ରେ ସୂଚୀତ ହୋଇଥିବା ସମ୍ମତି ଫର୍ମ-ସି ରେ ଦର୍ଶିତ ହେବ ।

୯.	ପ୍ରତ୍ୟାହାର ଏବଂ ବ୍ୟାବୃତ୍ତି:

ଡାକ୍ତରୀ ପଦ୍ଧତିରେ ଗର୍ଭପାତ ନିୟମାବଳୀ, ୧୯୭୫ କୁ ଏତଦ୍ୱାରା ପ୍ରତ୍ୟାହାର କରାଗଲା, କେବଳ ଏପରି ପ୍ରତ୍ୟାହାର ହେବା ପୂର୍ବରୁ ଏହି ନିୟମାବଳୀକୁ ନେଇ ଯାହା କରାଯାଇଥିବ ବା କରାଯାଇନଥିବ, ସେଗୁଡିକୁ ବାଦ ଦେଇ ।

# ଫର୍ମ- ଏ

**[ଦ୍ରଷ୍ଟବ୍ୟ: ନିୟମ-୫ର ଉପନିୟମ (୨)]**

**ଧାରା ୪ ଅଧୀନସ୍ଥ ଉପଧାରା (ବି) ଅଧୀନରେ ଗୋଟିଏ ସ୍ଥାନର ଅନୁମୋଦନ ପାଇଁ ଆବେଦନ**

ଅନୁମୋଦନୀୟ ସ୍ଥାନର ଶ୍ରେଣୀ:

**ଏ- ୧୨ ସପ୍ତାହ ପର୍ଯ୍ୟନ୍ତ ଗର୍ଭର ପତନ କରାଇ ହେବ ।**

**ବି- ୨୦ ଓପ୍ତାହ ପର୍ଯ୍ୟନ୍ତ ଗର୍ଭର ପତନ କରାଇ ହେବ ।**

**୧. ସ୍ଥାନର ନାମ (ବଡ ଅକ୍ଷରରେ) -**
**୨. ପୁରା ଠିକଣା-**
**୩. ବେସରକାରୀ/ଘରୋଇ/ନର୍ସିଂ ହୋମ୍/ ଅନ୍ୟାନ୍ୟ ସଂସ୍ଥା-**
**୪. ନିମ୍ନୋକ୍ତ ସୁବିଧାମାନ ସେହି ସ୍ଥାନରେ ଥିଲେ, ଦର୍ଶାନ୍ତୁ-**

**'ଏ' ଶ୍ରେଣୀ -**
**୧) ସ୍ତ୍ରୀରୋଗ ପରୀକ୍ଷା ଟେବୁଲ୍/ ପ୍ରସୂତୀ ଟେବୁଲ୍**
**୨) ରିସସିଟେସନ୍ ସାଧନ**
**୩) ଷ୍ଟରିଲାଇଜେସନ୍ ସାଧନ**
**୪) ଜରୁରୀ ଔଷଧପତ୍ର ସହିତ ଆକସ୍ମିକ ୫ଟ୍‌କାର ଚିକିତ୍ସା ସୁବିଧା**
**୫) ଆବଶ୍ୟକ ମତେ ପରିବହନର ସୁବିଧା**

**'ବି' ଶ୍ରେଣୀ**
(୧) ତଳିପେଟ ଏବଂ ଜରାୟୁର ଅସ୍ତ୍ରୋପଚାର ପାଇଁ ଅସ୍ତ୍ରୋପଚାର ଟେବୁଲ୍ ଏବଂ ଯନ୍ତ୍ରପାତି
(୨) ଜରୁରୀ ପରିସ୍ଥିତି ପାଇଁ ଯଥେଷ୍ଟ ପରିମାଣର ଔଷଧପତ୍ର ଏବଂ ପ୍ୟାରେଣ୍ଟାଲ୍ ଫ୍ଲୁଇଡ୍
(୩) ନିଶ୍ଚେତକ ସାଧନ, ରିସସିଟେସନ୍ ସାଧନ ଏବଂ **ଷ୍ଟରିଲାଇଜେସନ୍ ସାଧନ**

**ସ୍ଥାନ:**
**ତାରିଖ:** **ସ୍ଥାନର ମାଲିକଙ୍କ ସାକ୍ଷର**

# ଫର୍ମ- ବି

**[ଦ୍ରଷ୍ଟବ୍ୟ: ନିୟମ-୫ର ଉପନିୟମ (୬)]**

**ଅନୁମୋଦନର ପ୍ରମାଣପତ୍ର**

**ନିମ୍ନ ବର୍ଣ୍ଣିତ ସ୍ଥାନକୁ ଏତଦ୍ୱାରା** ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ (୧୯୭୧ର ସଂଖ୍ୟା ୩୪) ଉଦ୍ଦେଶ୍ୟରେ ଅନୁମୋଦନ କରାଯାଉଛି ।

**ପଠନୀୟ: --------------- ସପ୍ତାହ ଭିତରେ/ପର୍ଯ୍ୟନ୍ତ**

**ସ୍ଥାନର ନାମ –**

**ଠିକଣା ଏବଂ ଅନ୍ୟାନ୍ୟ ବିବରଣ-**

**ମାଲିକଙ୍କ ନାମ-**

**ସ୍ଥାନ:**

**ତାରିଖ:**

------------------------- ସରକାରଙ୍କୁ ।

# ଫର୍ମ- ସି

[ଦ୍ରଷ୍ଟବ୍ୟ: ନିୟମ-୮]

ମୁଁ . . . . . . . . . . . . . . . . . . . . . . . . . . . କନ୍ୟା/ ସ୍ତ୍ରୀ . . . . . . . . . . . . . . . .. . ଙ୍କର ନିବାସୀ . . . . . . . . . . . . . . . . . . . .. ବୟସ ପ୍ରାୟ . . . . . . . . . ବର୍ଷ . . . . . . . . . . . . .. . . . . . . . . .. . . . . . . . . . . . . . . . . . . . . . . . . . . . . . . . . . . . . . . (ଏଠାରେ ସ୍ଥାୟୀ ଠିକଣା ଲେଖନ୍ତୁ) ବର୍ତ୍ତମାନର ବାସସ୍ଥାନ . . . . . . . . . . . . . . . . . . . . . . ଏତଦ୍ୱାରା . . . . . . . . . . . .. . . . . . . . . . . . . . . . . . . . . . . . . . ଠାରେ (ଯେଉଁ ସ୍ଥାନରେ ଗର୍ଭପାତ ହେବ, ତହିଁର ନାମ ଉଲ୍ଲେଖ କରନ୍ତୁ) ମୋର ଗର୍ଭପାତ ପାଇଁ ସମ୍ମତି ଦେଉଛି ।

ସ୍ଥାନ:
ତାରିଖ: ସ୍ୱାକ୍ଷର

(ମହିଳା ଜଣକ ମାନସିକ ଭାବେ ଅସୁସ୍ଥ କିମ୍ବା ନାବାଳିକା ହୋଇଥିଲେ ତାଙ୍କର ଅଭିଭାବକଙ୍କ ଦ୍ୱାରା ନିମ୍ନମତେ ପୂରଣ କରାଯିବ)

ମୁଁ . . . . . . . . . . . . . . . . . . . . . . . . . . . ପୁତ୍ର/କନ୍ୟା/ ସ୍ତ୍ରୀ . . . . . . . . . . . . . . . .. . ବୟସ ପ୍ରାୟ . . . . . . . . . ବର୍ଷ, ନିବାସୀ . . . . . . . . . . . .. . . . . . . . . .. . . . . . . . . . ବର୍ତ୍ତମାନର ବାସସ୍ଥାନ . . . . . . . . . . . . . . . . . . . . . . (ଏଠାରେ ସ୍ଥାୟୀ ଠିକଣା ଲେଖନ୍ତୁ) ଏତଦ୍ୱାରା . . . . . . . . . . . .. . . . . . . . . . . . . . . . . . . . . . . . . . ଠାରେ (ଯେଉଁ ସ୍ଥାନରେ ଗର୍ଭପାତ ହେବ, ତହିଁର ନାମ ଉଲ୍ଲେଖ କରନ୍ତୁ) ମୋର ପ୍ରତିପାଲ୍ୟ . . . . . . . . . .. . . . . . . . . . . . , ଯେ କି ମାନସିକ ଭାବେ ଅସୁସ୍ଥ/ନାବାଳିକା ଅଟେ, ତାର ଗର୍ଭପାତ ପାଇଁ ମୋର ସମ୍ମତି ଦେଉଛି ।

ସ୍ଥାନ:
ତାରିଖ: ସ୍ୱାକ୍ଷର

*[Translated from English to Oriya by Chitta Behera, 4A Jubilee Tower, Choudhury Bazar, Cuttack-9, Orissa, Email: chittabehera1@yahoo.co.in , Mobile: 9437577546 on 12th Aug. 2007 ]*